# ଓଟିଇଏଲ୍‌ପି ମାଧ୍ୟମରେ ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ବଣ୍ଟନ

6 May'12 ଧରିତ୍ରୀ

ଭୁବନେଶ୍ୱର,୫।୫(ବ୍ୟୁରୋ)- ରାଜ୍ୟ ସରକାରଙ୍କ ପକ୍ଷରୁ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଗଜପତି, କନ୍ଧମାଲ ଓ କଳାହାଣ୍ଡି ୬ଟି ଜିଲାର ୨୫୫୪ ଆଦିବାସୀ ପରିବାରଙ୍କୁ ବାସୋପଯୋଗୀ ଜମି ପଟ୍ଟା ବଣ୍ଟନ କରାଯାଇଛି । ଏହି ଉପକୃତ ଆଦିବାସୀମାନେ ଉକ୍ତ ଜିଲାଗୁଡ଼ିକର ୮୩ଟି ଗ୍ରାମର ଅଧିବାସୀ । ରାଜ୍ୟ ସରକାର ଓଡ଼ିଶା ଆଦିବାସୀ ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (ଓଟିଇଏଲପି) ତଥା ଗ୍ରାମୀଣ ଉନ୍ନୟନ ଅନୁଷ୍ଠାନ (ଆରଡିଆଇ)ର ମିଳିତ ସହଯୋଗରେ ଏହା ସଫଳ ହେବା ସଙ୍ଗେ ସଙ୍ଗେ ଭୂମିହୀନ ଆଦିବାସୀମାନଙ୍କ ସ୍ୱପ୍ନକୁ ସାକାର କରିପାରିଛି । ଓଡ଼ିଶା ଆଦିବାସୀ ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଅଧୀନ ଜିଲାଗୁଡ଼ିକରେ ମୋଟ ୨୮,୯୩୪ ଭୂମିହୀନ ଆଦିବାସୀ ପରିବାରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବାସୋପଯୋଗୀ ଜମି ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଉଛି । ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ନିମନ୍ତେ ପ୍ରତି ଗ୍ରାମରେ ଭୂମି ସଂଯୋଜକମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ରାଜସ୍ୱ ବିଭାଗରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ପର୍ଯ୍ୟବେକ୍ଷକମାନଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି । ଏହି ଭୂମି ସଂଯୋଜକ ତଥା ରାଜସ୍ୱ ବିଭାଗ କର୍ମଚାରୀମାନେ ଭୂମିହୀନ ପରିବାରଙ୍କୁ ଚିହ୍ନଟ କରିବା ଏବଂ ଭୂମି ଆବଣ୍ଟନ ଆଦି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି । ଆସନ୍ତା ୬ ମାସ ମଧ୍ୟରେ ଭୂମିହୀନମାନଙ୍କୁ ବାସୋପଯୋଗୀ ଜମି ଆବଣ୍ଟନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

ଏହି ଜିଲାଗୁଡ଼ିକରେ ମୋଟ ୮୫୦ ଗ୍ରାମରୁ ଶତକଡ଼ା ୯୦ ଭାଗ ଗ୍ରାମରେ ଭୂମିହୀନ ପରିବାର ଚିହ୍ନଟ କାର୍ଯ୍ୟ ସରିଯାଇଥିବା ବେଳେ ଶତକଡ଼ା ୩୦ ଭାଗ ଗ୍ରାମରେ ଭେରିଫିକେଶନ କାର୍ଯ୍ୟ ସରିଛି । ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

ଏହି ଜମି ପଟ୍ଟା ଆବଣ୍ଟନ ଫଳରେ ଆଦିବାସୀମାନଙ୍କ ଉକ୍ତ ଜମି ଉପରେ ଆଇନଗତ ଅଧିକାର ରହିବା ସଙ୍ଗେ ସଙ୍ଗେ ଗରିବ ଆଦିବାସୀମାନଙ୍କୁ ବିଭିନ୍ନ ସାମାଜିକ, ଅର୍ଥନୈତିକ ଉନ୍ନତି ନିମନ୍ତେ ସୁବିଧା ସୁଯୋଗ ହାସଲ କରିବା ପାଇଁ ସହାୟକ ହେଉଛି । ଓଟିଇଏଲପିରେ ଭୂମିହୀନ ଆଦିବାସୀ ପରିବାରମାନଙ୍କୁ ବାସୋପଯୋଗୀ ଜମି ଯୋଗାଇବା ସଙ୍ଗେ ସଙ୍ଗେ ସେମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାନ କାର୍ଯ୍ୟକାରୀ କରୁଛି ।